## ଆଲମାରୀରୁ ୭ ଫୁଟର ଅଜଗର ଉଦ୍ଧାର

ରାୟଗଡ଼ା ଅଫିସ- ରାୟଗଡ଼ା ଜଗନ୍ନାଥ ମନ୍ଦିର ନିକଟରେ ଥିବା ଜଣେ ବ୍ୟବସାୟଙ୍କ ଘରୁ ୭ଫୁଟ ଲମ୍ବର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପ ଧରାଳି ଘରୁ ସାପଟିକୁ ନେଇ ନିକଟସ୍ଥ ଜଙ୍ଗଲରେ ଛାଡିଦେଇଛନ୍ତି। ପ୍ରକାଶ ଯେ, ଘରେ ଥିବା ଆଲମାରୀରେ ସାପ ପଶିଥିବା ବ୍ୟବସାୟୀ ୪ଟା ବେଳେ ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ସାପ ଧରାଳି ପ୍ରଦୀପ ସେନାପତିଙ୍କୁ ଖବର ଦେଇଥିଲେ। ସେ ଆସି ସାପକୁ ଉଦ୍ଧାରକରି ଏକ ଅଖା ବସ୍ତାରେ ବାନ୍ଧି ସ୍ଥାନୀୟ ଝୁଲାପୋଲ ନିକଟ ଜଙ୍ଗଲରେ ଛାଡିଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ, ସ୍ୱାମୀ ଅଟକ

ଜୟପୁର,୧।୧୦(ଡି.ଏନ.ଏ )- କୋରାପୁଟ ଜିଲା ଜୟପୁର ମହିଳା ଥାନାରେ ପ୍ରଥମସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେଇ ଘରରୁ ତଡିଦେବା ଏବଂ ଦ୍ୱିତୀୟ ବିବାହ କରିବା ଅଭିଯୋଗରେ ସ୍ୱାମୀଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଅଭିଯୁକ୍ତ ସ୍ୱାମୀ ନବରଙ୍ଗପୁର ଜିଲା ଉମରକୋଟ ସହର ଡି.ଏସ.କେ ଅଞ୍ଚଳର ବାସିନ୍ଦା ନରେନ୍ଦ୍ର କୁଲଦୀପ(୩୫)। ଜୟପୁର ଖ୍ରିଷ୍ଟିଆନ ସାହିର ବାସିନ୍ଦା ନିଳିମା ଅଭିଯୋଗ କରିଛନ୍ତି ଯେ, ନରେନ୍ଦ୍ର ତାଙ୍କୁ ୬ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୩ଟି ପୁତ୍ର ସନ୍ତାନ ଅଛନ୍ତି। ଗତ ୪ ମାସ ତଳେ ନରେନ୍ଦ୍ର ତାଙ୍କୁ ପ୍ରସବ ଲାଗି ବାପ ଘରେ ଛାଡି ଦେଇ ଜୟପୁର ସଦରଥାନା ଦାମାପୁଟ ଗ୍ରାମର ଅନ୍ୟ ଜଣେ ଯୁବତୀଙ୍କୁ ଉମରକୋଟ ନେଇ ବିବାହ କରିଛନ୍ତି। ସେ ଏହାର ପ୍ରତିବାଦ କରିଥିଲେ ମଧ ନରେନ୍ଦ୍ର କିଛି ଶୁଣି ନ ଥିଲେ। ତାଙ୍କୁ ଘରେ ପଶିବାକୁ ଦେଇ ନ ଥିଲେ। ଅଭିଯୋଗକୁ ଭିତ୍ତି କରି ଦଫା ୪୯୪,୪୯୮ରେ ମାମଲା ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧।୧୦(ସ୍ୱ.ପ୍ର.) - କୋରାପୁଟ ସହରର ପୁଚିଲାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରଭି ସତମନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ କୋରାପୁଟ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ଦୟାସିନ୍ଧୁ ବାଘ, ସିଆରସିସି ମିତା ଗୋପ, ସହକାରୀ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଣ୍ଡା, ସବିତା କୁମାରୀ ପତ୍ରୀ ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରୂପକ ଆରଜିପିଆରଏସ୍‌ର ଜୋନାଲ କୋର୍ଡିନେଟର

କୋରାପୁଟ,୧।୧୦(ସ୍ୱ.ପ୍ର.)- କୋରାପୁଟ ଜିଲା ଯୁବ କଂଗ୍ରେସ ନେତା ରୂପକ ତୁରୁକଙ୍କୁ ଗୁରୁବାର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ(ଆରଜିପିଆରଏସ)ର କୋରାପୁଟ ଓ ରାୟଗଡା ଜିଲା ଜୋନାଲ କୋର୍ଡିନେଟର ଦାୟିତ୍ୱ ମିଳିଛି। ଆରଜିପିଆରଏସର ଓଡିଶା ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସ ଗୁରୁବାର ଏନେଇ ସୂଚନା ଦେଇଛନ୍ତି। ଏଥିସହ ୧୪ ଜଣଙ୍କୁ ରାୟଗଡା ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି।

### ଟମାଟୋ ବୋଝେଇ ଗାଡ଼ି ଓଲଟି ଡ୍ରାଇଭର ଗୁରୁତର

ଚିତ୍ରକୋଣ୍ଡା, ୧।୧୦(ଡି.ଏନ୍.ଏ.) ଆନ୍ଧ୍ରପ୍ରଦେଶ ନରସିଂପାଟଣାରୁ ମାଲକାନଗିରିକୁ ଆସୁଥିବା ଏକ ଟମାଟୋ ବୋଝେଇ ଗାଡ଼ି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦୋରାଘାଟ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ି ଡ୍ରାଇଭର ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଗାଡ଼ିଟି ଆନ୍ଧ୍ରରୁ ଟମାଟୋ ନେଇ ଆସୁଥିବାବେଳେ ଭାରସାମ୍ୟ ହରାଇ ଦୋରାଘାଟ ଛକରେ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଏମ୍.ଶିବାଙ୍କ ଗୋଡ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଗାଡ଼ିରେ ଥିବା ଏନ୍.ପତୟ୍ୟା ଏମ୍.ଶିବାଙ୍କୁ ଉଦ୍ଧାରକରି ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସ୍ତ୍ରୀଙ୍କୁ ଅପହରଣ ଅଭିଯୋଗ, ଥାନାରେ ସ୍ୱାମୀଙ୍କ ଏତଲା

ଟିକିରି, ୧।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ା ଥାନା ଡି କରଲ ଗ୍ରାମର ଜଣେ ମହିଳାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ଅପହୃତା ଜଣଙ୍କ ହେଲେ ଗାଁର ବାପୁନ ଟାକ୍ରିଙ୍କ ସ୍ତ୍ରୀ ଜମିଲା। ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ ପୋଲିସ ଏବେ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ ବୋଲି ବାପୁନ କହିଛନ୍ତି। ପ୍ରକାଶ ଯେ, ଗତ ୨୬ ତାରିଖ ପୂର୍ବାହ୍ନରେ ଜମିଲା ମୋବାଇଲ ତିଆରି କରିବାକୁ ଗାଁଠାରୁ ୨ କି.ମି. ଦୂର ନୂଆପଡା ଛକକୁ ଯାଇଥିଲେ। ସେ କିନ୍ତୁ ସନ୍ଧ୍ୟା ସୁଦ୍ଧା ଆଉ ଫେରି ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜିବା ପରେ ସ୍ତ୍ରୀଙ୍କ ପତ୍ତା ନ ପାଇ ୨୭ ତାରିଖ ସକାଳୁ ବାପୁନ ଦୋରାଗୁଡ଼ା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ୧୯୩/୨୦ରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଚାଲିଛି। ଅପହୃତାଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଦୋରାଗୁଡ଼ା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତରା କହିଛନ୍ତି।

# ଚାଷୀ ନାମ ପଞ୍ଜୀକରଣରେ ଜାଲିଆତି

- ଲ୍ୟାମ୍ପ, ଯୋଗାଣ ବିଭାଗ କର୍ମଚାରୀଙ୍କ ସମ୍ପୃକ୍ତି
- ଜମି ନ ଥିବା ବ୍ୟକ୍ତିଙ୍କ ମଧ ହେଉଛି ପଞ୍ଜୀକରଣ
- ଦାବିପତ୍ର ଦେଇ କାର୍ଯ୍ୟାନୁଷ୍ଠାନ ଦାବିକଲେ ଚାଷୀ

ଜୟପୁର,୧।୧୦(ଡି.ଏନ.ଏ.)

ଆଗାମୀ ଖରିଫ ଧାନ ବିକ୍ରିପାଇଁ କୋରାପୁଟ ଜିଲାରେ ଚାଷୀଙ୍କ ନାମ ପଞ୍ଜୀକରଣରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ମଣ୍ଡିରେ ଜାଲିଆତିକରି ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଗତ ମାସରେ କୋଟପାଡ ବ୍ଲକର ବବେୟା ମଣ୍ଡିରେ ଜାଲିଆତି କରାଯାଇ ଚାଷୀଙ୍କ ନାମରେ ପଞ୍ଜୀକରଣ ହୋଇଥିବା ଗୁରୁବାର କେତେଜଣ ଚାଷୀ ଓ ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏନେଇ ଚାଷୀମାନେ ଏକ ଦାବିପତ୍ର ଦେବା ସହ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପଞ୍ଜୀକରଣ ଦାୟିତ୍ୱରେ ଥିବା ଲ୍ୟାମ୍ପ ଓ ଯୋଗାଣ ବିଭାଗ କର୍ମଚାରୀ ଏପରି ଚାଷୀଙ୍କ ନାମରେ ଜାଲ୍ ପଞ୍ଜୀକରଣ


ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

କରୁଥିବା ଚାଷୀ ଅଭିଯୋଗରେ କହିଛନ୍ତି। ଫଳରେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ଜାଲିଆତି କରାଯାଇ କୌଣସି ଜମି ନ ଥିବା ବିଜରାଘାଟିର ସନ୍ନ୍ୟାସୀ ଗାଦବା, ଗଙ୍ଗାଧର ଗାଦବା, ସହଦେବ ଗାଦବା, ବଳରାମ ଗାଦବାଙ୍କ ନାମରେ ଜମି ପଞ୍ଜୀକରଣ କରାଯାଇଛି। ସେହିପରି କଣ୍ଡାଗୁଡା ଗ୍ରାମର ଡମ୍ବୁ ଭୂମିଆଙ୍କ ନାମରେ ଖାତା ନଂ.୧୭୮/୪୦,୨୨୯,୫୦୭/୬୭ର ପ୍ଲଟ୍ ନମ୍ବର ୧୨୪୩, ୧୩୦୩, ୧୩୦୫, ୨୪୦/୧୯୩୩ ଜମିକୁ ମୁଣ୍ଡିପଦର ଗ୍ରାମର ଅର୍ଜ୍ଜୁନ ଭୂମିଆଙ୍କ ନାମରେ କୁସୁମି ମଣ୍ଡିରେ ଜାଲିଆତି କରାଯାଇ ପଞ୍ଜୀକରଣ କରାଯାଇଛି। ଜିଲାର ବୋରିଗୁମ୍ମା, ଜୟପୁର ଏବଂ କୁନ୍ଦୁରା ବ୍ଲକରେ ଏପରି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯-୨୦ ଖରିଫ ଧାନ ବିକ୍ରି ଲାଗି ଜୟପୁର ବ୍ଲକ ଫାମ୍ପୁଣି ମଣ୍ଡିରେ ଏପରି ଜାଲ୍ କରି ୪୩ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଏହା ଜଣାପଡିବା ପରେ ଯୋଗାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏହାର ତଦନ୍ତ କରିଥିଲେ।

## କୋରାପୁଟ ଟାଉନ ଥାନା ଆଇଆଇସିଙ୍କ ମୃତ୍ୟୁ

**କରୋନା ନେଲା ପୁଣି ଜଣେ ଯୋଦ୍ଧାଙ୍କ ଜୀବନ**

କୋରାପୁଟ,୧।୧୦(ସ୍ୱ.ପ୍ର.)

କୋରାପୁଟ ଜିଲାରୁ ଗୁରୁବାର କରୋନା ଜଣେ କର୍ତ୍ତବ୍ୟନିଷ୍ଠ ପୋଲିସ ଯୋଦ୍ଧାଙ୍କ ଜୀବନ ନେଇଛି। ସେ ହେଉଛନ୍ତି କୋରାପୁଟ ଟାଉନ ଥାନା ଆଇଆଇସି ପୀତବାସ ଧାରୁଆ। ଏହି ଖବର ପ୍ରଚାର ହେବା ପରେ ଜିଲାପାଳ ମଧୁସୂଧନ ମିଶ୍ର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିକ ଅହମ୍ମଦ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୋ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଧାରୁଆ କିଛିଦିନ ହେଲା କରୋନାରେ ସଂକ୍ରମିତ ହୋଇ ନିଜ ସରକାରୀ ବାସଭବନରେ ଆଇସୋଲେଶନରେ ରହି ଚିକିତ୍ସିତ ହେଉଥିଲେ। ଗତ ୩ ଦିନ ତଳେ ତାଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କୁ ଭୁବେନେଶ୍ୱରସ୍ଥିତ ସମ୍ ହସ୍ପିଟାଲକୁ ନିଆଯାଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଜଣେ ଦକ୍ଷ ପୋଲିସ ଅଧିକାରୀଙ୍କ ପରଲୋକ ସହରରେ ଶୋକର ଛାୟା ଖେଳାଇ ଦେଇଛି। ଜିଲାପାଳଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହ ପରିସରରେ ତାଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଛି। ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କୁମାର କହଁର, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଏପିଡି ମହେଶ୍ୱର ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ ,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ , ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨୮ ବର୍ଷରେ ମାଲକାନଗିରି

ମାଲକାନଗିରି,୧।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଗଠନକୁ ଅକ୍ଟୋବର ୨ରେ ୨୮ ବର୍ଷ ପୂରିବ। ୧୯୯୨ ଏହି ଦିନ ଓଡିଶାର ପୂର୍ବତନ ମଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମାଲକାନଗିରିକୁ ଜିଲା ଘୋଷଣା କରିଥିଲେ। ପୂର୍ବରୁ କୋରାପୁଟ ଜିଲାର ଏକ ଅଂଶ ଥିଲା ମାଲକାନଗିରି ଜିଲା। ଏକ ସବ୍‌ଡିଭିଜନ ରୂପେ ପରିଚିତ ଥିଲା। ସଦର ମହକୁମାରେ ଜଣେ ଏସ୍‌ଡିଓ, ତହସିଲଦାର, ବିଡିଓ, ମାଥିଲି, ମାଲକାନଗିରିରେ ଦୁଇଟି ଥାନା ଥିଲା। ଏଥିସହ ଗୋଟିଏ ଏସ୍‌ଡିଜେଏମ୍. କୋର୍ଟ ଥିଲା। ଜିଲାବାସୀ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜୟପୁର ଜିଲା କୋର୍ଟ ଉପରେ ନିର୍ଭର କରୁଥିଲେ। ଗତ ୨୮ ବର୍ଷ ମଧ୍ୟରେ ଜିଲାରେ ଅନେକ ପରିବର୍ତ୍ତନ ଆସିଛି। ୨୦୧୨ରେ ପୂର୍ବତନ ଜିଲାପାଳ ଆର୍. ଭିନିଲ କ୍ରିଷ୍ଣାଙ୍କୁ ମାଓବାଦୀ ଅପହରଣ କରିନେଇଥିଲେ। ଏହାପରଠାରୁ ସରକାର ଜିଲାରେ ଡିବିଏଫ୍, ଏସ୍‌ଓଜି., ବିଏସ୍‌ଏଫ୍ କୋବ୍ରାବାହିନୀକୁ ମୁତୟନ କରିଥିଲେ। ଯବାନଙ୍କ ସହାୟତାରେ ଚିତ୍ରକୋଣ୍ଡାରେ ଗୁରୁପ୍ରିୟା ସେତୁ ନିର୍ମାଣ ଆଦିବାସୀଙ୍କ ପ୍ରଗତିକୁ ତ୍ୱରାନ୍ୱିତ କରିଛି। ବିଚ୍ଛିନ୍ନାଞ୍ଚଳ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରୂପେ ପରିଚିତ ହୋଇଛି। ମାଓବାଦୀଙ୍କ ପ୍ରଭାବ କମିଛି। ସ୍ୱାଭିମାନ ଅଞ୍ଚଳର ୧୮ଟି ପଞ୍ଚାୟତରୁ ୮ଟି ପଞ୍ଚାୟତକୁ ରାସ୍ତାଘାଟ, ବିଦ୍ୟାଳୟ, ପାନୀୟ ଜଳ, ମୋବାଇଲ ଟାୱାର ପ୍ରତିଷ୍ଠା ସମ୍ଭବ ହୋଇପାରିଛି। ମୋଟୁ-ଜୟପୁର ୩୨୬ନଂ. ଜାତୀୟ ରାଜପଥ ନିର୍ମାଣ, ଆଦିବାସୀଙ୍କୁ ଚାଷକ୍ଷେତ୍ରରେ ପ୍ରୋତ୍ସାହନ, ପୋଟେରୁ ଓ ସତୀଗୁଡା ଜଳଭଣ୍ଡାରରୁ ଚାଷୀଙ୍କୁ ଜଳ ଯୋଗାଣ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ତଥାପି ଜିଲାରେ ଏପରି କେତେକ ଅଞ୍ଚଳ ରହିଛି ସେଠାକୁ ଏଯାଏ ରାସ୍ତାଘାଟ ନାହିଁ। ଡାକ୍ତରଖାନା ଯିବାକୁ ହେଲେ ରୋଗୀଙ୍କୁ ଭାରରେ ବୁହା ହୋଇ ଅଣାଯାଉଛି। ଡାକ୍ତରଖାନା ଅଛି, ଡାକ୍ତର ନାହାନ୍ତି। ବିଦ୍ୟାଳୟ ଅଛି ଶିକ୍ଷକ ନାହାନ୍ତି। ଏପରି କେତେକ ସମସ୍ୟାର ସମାଧାନ ହୋଇ ପାରିଲେ ଯେଉଁ ଲକ୍ଷ୍ୟ ନେଇ ମାମଲକାନଗିରି ଜିଲା ପ୍ରତିଷ୍ଠା ହୋଇଥିଲା ସେହି ସ୍ୱପ୍ନ ପୂରଣ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦିଅନ୍ତି।

## ସାଢ଼େ ୭ହଜାର ଛୁଇଁଲା ପଜିଟିଭ

ରାୟଗଡ଼ା ଅଫିସ,୧।୧୦:

ରାୟଗଡ଼ା ଜିଲାରୁ ପୁଣି ୩୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ୧୫ ମହିଳା ଏବଂ ୨୪ ପୁରୁଷ ରହିଛନ୍ତି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଜିଲାର କାଶୀପୁର ବ୍ଲକ୍‌ରୁ ୧୬ଜଣ, ଗୁଡାରିରୁ ୪, ରାମନାଗୁଡ଼ାରୁ ୪, ବିଷମକଟକରୁ ୩, ଗୁଣପୁର ସହରାଞ୍ଚଳରୁ ୨, କଲ୍ୟାଣସିଂହପୁରରୁ ୨, ପଦ୍ମପୁରରୁ ୨, ରାୟଗଡ଼ା ସହରାଞ୍ଚଳରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ଜଣେ, କୋଲନରାରୁ ଜଣେ, ମୁନିଗୁଡ଼ାରୁ ଜଣେ ଏବଂ ରାୟଗଡ଼ା ଗ୍ରାମାଞ୍ଚଳରୁ ଜଣେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୮ କରୋନା ଯୋଦ୍ଧା ରହିଥିବା ଜଣାପଡ଼ିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୫୦୦ରେ ପହଞ୍ଚିଛି। ସେହିପରି ୭୦୨୬ଜଣ ସୁସ୍ଥହୋଇ ଫେରିଥିବାବେଳେ ୪୩୬ ସକ୍ରିୟ ସଂକ୍ରମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଅଫିସ୍‌ରୁ ନାଗସାପ ଧରିଲେ ବରିଷ୍ଠ ରାଜସ୍ୱ ସହାୟକ

ନବରଙ୍ଗପୁର,୧।୧୦(ବି.ପ୍ର.)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓ୍ୱାଏସଡବ୍ଲ୍ୟୁଏଏନ୍‌ରୁ ଦୁଇଟି ନାଗସାପ ଉଦ୍ଧାର କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ଚିତ୍ତରଞ୍ଜନ ପାତ୍ର ସାପ ଦୁଇଟିକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡିଛନ୍ତି। ପ୍ରକାଶ ଯେ, ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସାପ ଦୁଇଟିକୁ ଦେଖି କର୍ମଚାରୀମାନେ ଭୟଭୀତ ହୋଇ ପାଟି କରୁଥିଲେ। ଏହି ସମୟରେ ରାଜସ୍ୱ ସହାୟକ ଚିତ୍ତରଞ୍ଜନ ସାପ ଦୁଇଟିକୁ କାବୁ କରିନେଇଥିଲେ। ତାଙ୍କ ସାହସିକତାକୁ ସମସ୍ତେ ପ୍ରଶଂସା କରିଛନ୍ତି।



## ବାର୍ଦ୍ଧକ୍ୟ ଦିବସରେ ସ୍ୱାସ୍ଥ୍ୟ ସଚେତନତା

ଚନ୍ଦାହାଣ୍ଡି,୧।୧୦(ଡି.ଏନ୍.ଏ.):

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଅଧୀନ ମୋହରା ଗ୍ରାମ ଉପ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରଠାରେ ଗୁରୁବାର 'ବିଶ୍ୱ ବାର୍ଦ୍ଧକ୍ୟ ଦିବସ' ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସଂଗ୍ରାମ କେଶରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବୃଦ୍ଧାବୃଦ୍ଧ ମାନଙ୍କୁ ସୁସ୍ଥ ଓ ଆରୋଗ୍ୟ ରହିବା ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏଚ୍‌ୟୁର ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି କରୋନା ଭୁତାଣୁ କୁ ପ୍ରତିରୋଧ ନିମନ୍ତେ ସରକାରଙ୍କ ଆୟୁଷ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଆୟୁର୍ବେଦ ଔଷଧ ଏବଂ ପ୍ରାକୃତିକ ଉପଚାର ବିଷୟରେ ବୁଝାଇଥିଲେ। ସେହିପରି ହାତକୁ ବାରମ୍ବାର ସାବୁନ କିମ୍ବା ସାନିଟାଇଜରରେ ସଫା କରିବା, ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା କରିବା ଦ୍ୱାରା ଏହି ଭୁତାଣୁକୁ ପ୍ରତିହତ କରାଯାଇ ପାରିବ ବୋଲି ବୁଝାଇଥିଲେ। ଏହି ଅବସରରେ ଫାର୍ମାସିଷ୍ଟ ରମେଶ ଦାଶ, ଶିକ୍ଷକ ବାସୁଦେବ ଟୋଲଟିଆ, ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘମିତ୍ରା ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ବାଳଗୋବିନ୍ଦ ମାଝି ଓ ପଞ୍ଚାୟତର ସମସ୍ତ ଆଶା ଦିଦି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ସୁଦୀପ୍ତ ରଞ୍ଜନ ରାଉତ ପରିଚାଳନା କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ବୃଦ୍ଧା ବୃଦ୍ଧ ଏବଂ ରୋଗୀଙ୍କ ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସମସ୍ତଙ୍କୁ ମାସ୍କ ଓ ପ୍ରସ୍ତୁତ କାଢ଼ା ଦିଆଯାଇଥିଲା।

## ଅବସରକାଳୀନ ପ୍ରାପ୍ୟ ଦାବିକରି ଧାରଣା

ଜୟପୁର,୧।୧୦(ଡି.ଏନ.ଏ )

କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଉମାକାନ୍ତ ରଥ ନିଜ ଅବସରକାଳୀନ ପ୍ରାପ୍ୟ ପାଇ ନ ଥିବାରୁ ଗୁରୁବାର ବ୍ୟାଙ୍କ ସମ୍ମୁଖରେ ଅନଶନରେ ବସିଥିଲେ। ସନ୍ଧ୍ୟାରେ ବ୍ୟାଙ୍କ କର୍ମଚାରୀ ସଂଘ କର୍ମକର୍ତ୍ତା, ଡିଆରସିଏସ ସିଏଚ. ଭବାନୀ ପ୍ରସାଦ ତାଙ୍କସହ ଆଲୋଚନା କରି ୧୦ ଦିନ ମଧ୍ୟରେ ସମବାୟ ରେଜିଷ୍ଟ୍ରାରଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ ଶୁଣିନାହାନ୍ତି। ହାଇକୋର୍ଟ ତାଙ୍କୁ ତୁରନ୍ତ ଅବସରକାଳୀନ ପ୍ରାପ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେସିସି ବ୍ୟାଙ୍କ ତୁରନ୍ତ ଏହାକୁ ପାଳନ କରି ଆରଏସିପି ଗତ ୧।୧।୨୦୧୩ରୁ ପ୍ରଦାନ, ସପ୍ତମ କମିଶନ ଅନୁଯାୟୀ ବେତନ ପ୍ରଦାନ, ନିଲମ୍ବନ ସମୟର ବକେୟା ସହ ତାଙ୍କୁ ୨୦ ଲକ୍ଷ ଟଙ୍କା ଗ୍ରାଚ୍ୟୁଟି ଦେବାକୁ ଦାବି କରି ସେ ଏହି ଧାରଣା ଦେଇଛନ୍ତି। ଏନେଇ ବ୍ୟାଙ୍କ ସମ୍ପାଦକ ଅନନ୍ତ ସାମଲଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ସୂଚନାଯୋଗ୍ୟ ରଥ ୨୦୧୯ରେ ଅବସର ନେଇଥିଲେ। ପ୍ରାପ୍ୟ ପାଇବା ଲାଗି ଜୁଲାଇରେ ଧାରଣା ଦେଇଥିଲେ । ସେତେବେଳେ ତାଙ୍କର କିଛି ଟଙ୍କା ପ୍ରଦାନ କରାଯାଇଥିଲା।



ଧାରଣାରେ ବସିଛନ୍ତି ଉମାକାନ୍ତ

## ବିଜେଡି ନେତାଙ୍କ ମୃତ୍ୟୁ

ବିଷମକଟକ,୧।୧୦:

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଚାଟିକଣା ପଞ୍ଚାୟତ ବାରିଗୁଡ଼ା ଗ୍ରାମର ବିଜେଡି ନେତା ମଦନ କୁଶୁଲିଆ(୬୦)ଙ୍କ ଗୁରୁବାର ବ୍ରହ୍ମପୁରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ପରଲୋକ ଘଟିଛି। ସୂଚନା ଅନୁଯାୟୀ, ବିଷମକଟକ ନିର୍ବାଚନ ମଣ୍ଡଳୀର ଜଣେ ସକ୍ରିୟ ରାଜନେତା ଥିଲେ। ୧୩ ତାରିଖରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ବିଷମକଟକ ନାନିରିଗୁଡ଼ାସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଜେକେପୁରସ୍ଥିତ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ୧୯ରେ ବ୍ରହ୍ମପୁରସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ମଦନଙ୍କ ପୁଅ ଗୋପାଳ କୁଶୁଲିଆ ସୂଚନା ଦେଇଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ବିଷୟରେ ପ୍ରଶାସନ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ଅନ୍ୟପକ୍ଷରେ ପରିବାର ଲୋକଙ୍କ ଉପସ୍ଥିତିରେ ବ୍ରହ୍ମପୁରଠାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ଜଣାପଡ଼ିଛି।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା, ନିରାପତ୍ତା ନେଇ ଆଲୋଚନା

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ରାୟଗଡ଼ା ଅଫିସ,୧।୧୦:

ରାୟଗଡ଼ା ଜିଲା ନାଗରିକ ମଙ୍ଗଳ ସଂଘ ଆନୁକୁଲ୍ୟରେ ଗୁରୁବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା ଓ ଉପଦେଷ୍ଟା ନୃସିଂହନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ସଂଘ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସକାଳେ ଉପଦେଷ୍ଟା ପାଢ଼ୀ ପତାକା ଉତ୍ତୋଳନ କରିଥିଲେ। ସଂଘର ସମସ୍ତ କର୍ମୀ କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇଥିଲେ। ଆୟୋଜିତ ସଭାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ନିରାପତ୍ତା ଏବଂ ଉନ୍ନତି ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ନିୟମ ବିଷୟରେ ଆଲୋଚନା କରାଯାଇଥିଲା। କରୋନା ଠାରୁ କିପରି ନିଜକୁ ଦୂରେଇ ରଖିପାରିବା ସେ ବିଷୟରେ ସଭାପତି ପଣ୍ଡା ସଭ୍ୟମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକ କୁମୁଦ ସାମନ୍ତରାୟ, ରମେଶ ପଣ୍ଡା,ଗୌରାଙ୍ଗ ବୈବର୍ତ୍ତା, ବାପି ପଟ୍ଟନାୟକ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ଥିଲେ।

## ରାସ୍ତାରୁ ଯୁବତୀଙ୍କୁ ଅପହରଣ, ପୋଲିସର ତନାଘନା

ନବରଙ୍ଗପୁର,୧।୧୦(ବି.ପ୍ର.)

ଅଫିସରୁ ଘରକୁ ଫେରିବାବେଳେ ଜଣେ ଯୁବତୀଙ୍କୁ ରାସ୍ତାରୁ ଅପହରଣ କରାଯାଇଥିବା ନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ଅପହୃତା ଜଣଙ୍କ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବେଲଗାଁର ରସିମା ସୌରା(୨୨)।

ପ୍ରକାଶ ଯେ, ରସିମା ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ବୁଧବାର ୩୦ ତାରିଖରେ ଅଫିସରୁ ଅପରାହ୍ନ ପ୍ରାୟ ୫ଟା ୪୫ରେ ଘରକୁ ଫେରିବା ସମୟରେ କେତେଜଣ ଅଜଣା ବ୍ୟକ୍ତି ଏକ ବୋଲେରୋରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ବହୁ ଖୋଜାଖୋଜି ପରେ ରସିମାଙ୍କ ପତ୍ତା ନ ମିଳିବାରୁ ତାଙ୍କ ଭାଇ ପୀତବାସ ଘଟଣା ସମ୍ପର୍କରେ ଗୁରୁବାର ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ କେସ୍ ନମ୍ବର ୧୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସରଗୁଲି ପାହାଡ଼ରୁ ମିଳିଲା ଶିବଲିଙ୍ଗ

ଡାବୁଗାଁ, ୧।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ଅଧୀନ ମେଣ୍ଡ୍ରା ଗ୍ରାମ ନିକଟସ୍ଥ ସରଗୁଲି ପାହାଡ଼ର ଅଗ୍ରଭାଗରୁ ଏକ ଶିବଲିଙ୍ଗ ମିଳିଛି। ପରେ ସେଠାରେ ନାମଯଜ୍ଞ ଆଦି କରାଯାଉଛି।

ପ୍ରକାଶ ଯେ, କିଛିଦିନ ତଳେ ମେଣ୍ଡ୍ରା ଗ୍ରାମଦେବତୀଙ୍କ ସେବକ ସନାଧର ପୂଜାରୀଙ୍କୁ ସରଗୁଲି ପାହାଡରେ ଏକ ଶିବଲିଙ୍ଗ ରହିଥିବା ନେଇ ସ୍ୱପ୍ନାଦେଶ ହୋଇଥିଲା। ସନାଧର ଗ୍ରାମବାସୀଙ୍କ ସହ ପାହାଡ ଉପରକୁ ଯାଇ ଖୋଜାଖୋଜି କରି ପାହାଡର ଅଗ୍ରଭାଗରେ ଶିବଲିଙ୍ଗ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେଠାରେ ମହିମା ବାବାଙ୍କ ଦ୍ୱାରା ଯଜ୍ଞ କରାଯାଇଛି। ଏହି ପାହାଡର ପଶ୍ଚିମ ଦିଗରେ ଥିବା ଏକ ଗୁମ୍ଫାରେ ମା ପାର୍ବତୀ, ଅନ୍ୟ ଏକ ଗୁମ୍ଫାରେ ଶ୍ରୀ ଗଣେଶ, ବନ କୁମାର ରହିଛନ୍ତି। ଏଥିସହ ପାହାଡର ଆଉ ଏକ ସ୍ଥାନରେ ପାତାଳ ଗଙ୍ଗା କୂପ ମଧ ରହିଛି। ମହିମା ଧର୍ମର ଅନାଦି ବାବାଙ୍କ ସହ ଅନ୍ୟ ସନ୍ଥମାନେ ସେଠାରେ ହୋମଯଜ୍ଞ ଆଦି କରୁଛନ୍ତି। ଏଥିରେ ମେଣ୍ଡ୍ରା ଗ୍ରାମର ୱାର୍ଡ ସଭ୍ୟ ଲଛମନ ସାନ୍ତା, ମୋତିରାମ ଭତ୍ରା, ଚକ୍ର ସାନ୍ତା, ବଳିରାମ ଭତରା, ଅର୍ଜ୍ଜୁନ ବିଶୋୟୀ, ଶ୍ୟାମ ବିଶୋୟୀ, ଶିବଶଙ୍କର ଟହଲିଆ, ଆଶୁ ସାନ୍ତା ଓ ଶବରୁ ସାନ୍ତା ପ୍ରମୁଖ ସହଯୋଗ କରିଥିଲେ।


ଶିବଲିଙ୍ଗ ନିକଟରେ ପୂଜାର୍ଚ୍ଚନା କରାଯାଉଛି ।

## ଯୋଗ୍ୟ ହିତାଧିକାରୀଙ୍କୁ ଅବହେଳା

- ଗୋଟିଏ ବଖରାରେ ଚଳୁଛନ୍ତି ୭ପ୍ରାଣୀ
- ଗାଈ ଚରାଇ ଚଳାଉଛନ୍ତି ପରିବାର
- ପ୍ରଶାସନ ପକ୍ଷରୁ ମିଳୁନି ସହଯୋଗ

ଦଶମନ୍ତପୁର,୧।୧୦(ଡି.ଏନ.ଏ.)

ଏବେ ବି ଅବହେଳିତ ଅବସ୍ଥାରେ ରହିଛି କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ। ଏଠାରେ ସରକାରୀ ଯୋଜନା ସବୁ ପାଲଟିଛି ଦିଗହରା। ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନୀ,ଚଳଣି ଦେଖିଲେ ଏହା ସହଜରେ ଅନୁମେୟ। ନିରୀହ ଓ ଗରିବ ଶ୍ରେଣୀର ହିତାଧିକାରୀଟିଏ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନାରୁ ଉପକୃତ ହୁଏନାହିଁ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକର ଗିର୍ଲିଗୁମ୍ମା ପଞ୍ଚାୟତର ବିଜମରା ଗ୍ରାମରେ। ଏହି ଗ୍ରାମରେ ବସବାସ କରନ୍ତି ଅବନୀ ଜାନିଙ୍କ ପରିବାର। ୭ପ୍ରାଣୀଙ୍କୁ ନେଇ ପରିବାର ଚଳାଉଥିବା ଅବନୀଙ୍କ ଆୟ କହିଲେ କେବଳ ଗାଈ ଚରାଇବା। ଗାଈ ଚରାଇ ସେଥିରୁ ଯାହା ପାଆନ୍ତି ପରିବାର ଚଳେ। କଷ୍ଟରେ ୬ମାସ ଚଳିଯାନ୍ତି ଅବନୀ। ଆଉ ୬ମାସ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡ଼େ। କେହି ଡାକିଲେ କୁଲିମଜୁରି କରିବାକୁ ଯାଆନ୍ତି, ନ ହେଲେ ନାହିଁ। ଘର କହିଲେ ଝାଟିମାଟିରେ ତିଆରି ଗୋଟିଏ ବଖରା। ସେଥିରେ ଚଳନ୍ତି ୭ପ୍ରାଣୀ କୁଟୁମ୍ବ। ଆଧାରକାର୍ଡରେ ତ୍ରୁଟି ଯୋଗୁ ପରିବାରର ୭ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ଚାଉଳ ମିଳୁଛି ବୋଲି କହନ୍ତି ସେ। ଆଧାର କାର୍ଡରେ ତ୍ରୁଟି ସୁଧାରିବାକୁ ଉଦ୍ୟମକରି ବିଫଳ ହୋଇଥିବା ଅବନୀ ଏବେ ନୀରବ ରହିଛନ୍ତି। ଗତ ୩ମାସ ତଳେ ତାଙ୍କ କୁଡ଼ିଆ ଘରଟି ଭାଙ୍ଗିଯାଇଥିଲା। ତହସିଲଦାର ଅଜୟ ପ୍ରକାଶ ତିର୍କୀ ନିଜେ ଆସି ଅବନୀଙ୍କୁ ପଲିଥିନ ଦେଇ ଆବାସ ଗୃହ ପାଇଁ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ସେ ଏନେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମଧ କେହି ତାଙ୍କୁ ସହଯୋଗ କରି ନ ଥିବା କହିଛନ୍ତି ଅବନୀ। ଅବନୀଙ୍କ ଆଧାରକାର୍ଡ କରିବା ସହ ତାଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ତହସିଲଦାର ତିର୍କୀଙ୍କୁ ପଚାରିବାରୁ ସେ କହିଲେ, ସହାୟତା ପାଇବା ପାଇଁ ଅବନୀ ଜଣେ ଯୋଗ୍ୟ ହିତାଧିକାରୀ। ତାଙ୍କ ଅବସ୍ଥା ଜାଣି ମୁଁ ନିଜେ ଘର ପାଇଁ ଖଣ୍ଡିଏ ତାର୍ପୋଲିନ ଦେବା ବ୍ୟବସ୍ଥା କରିଥିଲି। ତାଙ୍କ ପରି ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତା ନ ପାଇବା ଦୁଃଖଦାୟକ ବୋଲି କହିଥିଲେ। ଏ ସମ୍ପର୍କରେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା।


ନିଜ ଭଙ୍ଗାରୁଜା ଘରେ ଆଶ୍ରୟ ନେଇଛନ୍ତି ଅବନୀ।

